# ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲି., ସମ୍ବଲପୁର

ସମିତି ସର୍କୁଲାର ନଂ. ...୬୨...  ତା.୦୭.୦୯.୨୦୧୭

ଏତଦ୍ୱାରା ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ, ସମ୍ବଲପୁରର ସମସ୍ତ ଦୁଗ୍ଧ ମାର୍ଗର ସଭ୍ୟ/ସଭ୍ୟାମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବର୍ତ୍ତମାନ ଦୁଗ୍ଧ ସଂଘର ବିଭିନ୍ନ ଅଂଚଳରେ ଦୁଗ୍ଧ ସମିତି ବ୍ୟତୀତ ଅନ୍ୟାନ୍ୟ ଦୁଗ୍ଧ କଂପାନୀ ତଥା ଘରୋଇ ସଂସ୍ଥାମାନେ ଦୁଗ୍ଧ ସଂଗ୍ରହ ଆରମ୍ଭ କରିଦେଇଛନ୍ତି । ଦୁଗ୍ଧ ଚାଷୀମାନଙ୍କୁ ବିଭିନ୍ନ ପ୍ରକାର ମିଥ୍ୟା ପ୍ରତିଶୃତି ଓ ପ୍ରଲୋଭନ ଦେଖାଇ ଦୁଗ୍ଧର ଅଧିକ ମୂଲ୍ୟ ଦେବାପାଇଁ ଘୋଷଣା କରୁଛନ୍ତି, କିନ୍ତୁ ପ୍ରକୃତରେ ଦେଖିବାକୁ ମିଳୁଛି ଯେ, ଏଭଳି ସଂସ୍ଥାମାନେ ସାମୟିକ ଭାବରେ ଚାଷୀଭାଇମାନଙ୍କଠାରୁ ଦୁଗ୍ଧ ସଂଗ୍ରହ କରି ଠିକ୍ ସମୟରେ ଦୁଗ୍ଧ ମୂଲ୍ୟ ପୈଠ କରୁନାହାଁନ୍ତି ବରଂ ଅନେକ ସ୍ଥାନରେ କିଛିଦିନ ଦୁଗ୍ଧ ସଂଗ୍ରହ କରି ଘୋଷଣା କରିଥିବା ପ୍ରାପ୍ୟ ଦେଇ ନପାରି ସଂଗ୍ରହ କେନ୍ଦ୍ର ମଧ୍ୟ ବନ୍ଦ କରିଦେଉଛନ୍ତି । ଏଭଳି ପରିସ୍ଥିତିରେ ସାମୟିକ ଲୋଭର ବଶବର୍ତ୍ତୀ ହୋଇ ସମିତିଠାରୁ ଦୂରେଇ ଯାଇଥିବା ସଭ୍ୟ/ସଭ୍ୟାମାନେ ଠକାମିର ଶିକାର ହୋଇ ପୁନର୍ବାର ସମିତିକୁ ଫେରିବାକୁ ବାଧ୍ୟ ହେଉଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଯେହେତୁ ଦୁଗ୍ଧ ସମିତିଗୁଡ଼ିକ ସମବାୟ ଆଇନ୍ ଅନୁସାରେ ଅନୁବନ୍ଧିତ, ତେଣୁ ସଭ୍ୟ/ସଭ୍ୟାମାନେ ସମିତି ପ୍ରତି ଦାୟିତ୍ୱବାନ୍ ଓ ବିଶ୍ୱସ୍ତ ନ ହେଲେ ପରିଚାଳନା କ୍ଷେତ୍ରରେ ଯାବତୀୟ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି । ଏ ପରିପ୍ରେକ୍ଷୀରେ ସଂଘର ସମସ୍ତ ସମିତିର ସଭ୍ୟ/ସଭ୍ୟାମାନଙ୍କୁ ବିନମ୍ର ଅନୁରୋଧ କରାଯାଉଅଛି ଯେ, ସାମୟିକ ଭାବରେ ଅସାଧୁ ଉପାୟ ଅବଲମ୍ବନ କରି ଦୁଗ୍ଧ ସଂଗ୍ରହ କରୁଥିବା ଠକ ସଂସ୍ଥାମାନଙ୍କଠାରୁ ଦୂରେଇ ରହନ୍ତୁ । ଆପଣଙ୍କ ଗ୍ରାମରେ ଥିବା ସମିତି ଆପଣଙ୍କର; ଯଦି କୌଣସି ସମସ୍ୟା ଦେଖାଯାଉଛି ତା'ହେଲେ ଅତିଶିଘ୍ର ସଂପୃକ୍ତ ଦୁଗ୍ଧମାର୍ଗ ପରିଦର୍ଶକଙ୍କ ସହିତ ସମ୍ପର୍କ ସ୍ଥାପନ କରନ୍ତୁ ନଚେତ୍ ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ କରିବା ସଙ୍ଗେ ସଙ୍ଗେ ପୂର୍ବ ସମ୍ପର୍କ ବଜାୟ ରଖିବାକୁ ଅନୁରୋଧ ।

ଜୟ ସମବାୟ

ସଭାପତି, ଦୁଗ୍ଧ ସଂଘ

President
Samleswari Regional Co-op.
Milk Producer's Union Ltd, Sambalpur

ସୂଚନା କ୍ରମାଙ୍କ ନଂ. ୬୨୭୪  ତା.୦୭.୦୯.୨୦୧୭

ନକଲ ପାଇବେ - ୧. ସମସ୍ତ ସମିତି

୨. ସମସ୍ତ କ୍ଷେତ୍ର ପରିଦର୍ଶକ/ପରିଦର୍ଶିକା/ଅଂଚଳ ଭାରପ୍ରାପ୍ତ ଅଧିକାରୀ

୩. ଉପ ସାଧାରଣ ପରିଚାଳକ (ପି.ଏଣ୍ଡ.ଆଇ), ଓମ୍‌ଫେଡ୍, ଭୁବନେଶ୍ୱର

ସଭାପତି, ଦୁଗ୍ଧ ସଂଘ

President
Samleswari Regional Co-op.
Milk Producer's Union Ltd, Sambalpur